କେରଳ ରାଜ୍ୟ

ବନାମ

ଏମ୍. ଏମ୍. ଅବଦୁଲ ଖାଦର

ଡିସେମ୍ବର 15,1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894*

*ଧାରା 23 (1-A)- କଲେକ୍ଟରଙ୍କ ଅଧିନିର୍ଣ୍ଣୟ 21.4.1980 ମସିହାର -- ଦାବିଦାରମାନେ ଏହି ଧାରା ଅଧୀନରେ ଲାଭ ପାଇବାକୁ ହକଦାର ନୁହଁନ୍ତି।*

**ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଆବେଦନ ଆଗତ କରିଥିଲେ ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଦାବିଦାରମାନଙ୍କୁ ଅନୁମତି ଦେଇ ଜମି ଅଧିଗ୍ରହଣ ଅଧିନିୟମର ଧାରା 23 (1-A) ର ଲାଭ ପ୍ରଦାନ କରିଥିଲେ ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: ଯେହେତୁ କଲେକ୍ଟରଙ୍କ ଅଧିନିର୍ଣ୍ଣୟ 21 ଏପ୍ରିଲ, 1980 ମସିହାର ଅଟେ, ଜମି ଅଧିଗ୍ରହଣ ଅଧିନିୟମର ଧାରା 23 (1-A) ଅନୁଯାୟୀ ଦାବିଦାରମାନେ ଅତିରିକ୍ତ ଅର୍ଥ ପାଇବାକୁ ହକଦାର ନୁହଁନ୍ତି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 12120/1995

28.1.93 ମସିହାରେ, କେରଳ ଉଚ୍ଚ ନ୍ୟାୟାଳୟଙ୍କ, ଏଲ. ଏ. ଏ. ସଂଖ୍ୟା 244/1988 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏମ୍. ଟି. ଜର୍ଜ ଆବେଦନକାରୀଙ୍କ ପାଇଁ ।

ଏନ୍. ସୁଦାହାକରଣ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଏକମାତ୍ର ବିବାଦ ହେଉଛି ଜମି ଅଧିଗ୍ରହଣ ଅଧିନିୟମର ଧାରା 23 (1-A) ଅନୁଯାୟୀ ଅତିରିକ୍ତ ରାଶି ପାଇବା ପାଇଁ ଉତ୍ତରଦାତାମାନଙ୍କ ଅଧିକାର ବିଷୟରେ । ଯେହେତୁ କଲେକ୍ଟରଙ୍କ ଅଧିନିର୍ଣ୍ଣୟ ଜୁନ୍ 4,1979 ମସିହାର ଅଟେ, ଦାବିଦାରମାନେ 1894 ମସିହାର ଉକ୍ତ ଅଧିନିୟମର ଧାରା 23 (1-A) ଅନୁଯାୟୀ ଅତିରିକ୍ତ ରାଶି ପାଇବାକୁ ହକଦାର ନୁହଁନ୍ତି ।

ତଦନୁସାରେ ଆବେଦନକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଗଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

*ସି. ଏ. ସଂଖ୍ୟା 12121/1995*

ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନରେ ଏକମାତ୍ର ବିବାଦ ଯାହା ସହିତ ଆମେ ସଂଶ୍ଳିଷ୍ଟ ତାହା ହେଉଛି ଜମି ଅଧିଗ୍ରହଣ ଅଧିନିୟମର ଧାରା 23 (1-A) ଅନୁଯାୟୀ ଅତିରିକ୍ତ ରାଶି ପାଇଁ ଉତ୍ତରଦାତାମାନଙ୍କ ଅଧିକାର ବିଷୟରେ । ଯେହେତୁ କଲେକ୍ଟରଙ୍କ ଅଧିନିର୍ଣ୍ଣୟ 21 ଏପ୍ରିଲ, 1980 ମସିହାର ଅଟେ, ତେଣୁ ଦାବିଦାରମାନେ ଉକ୍ତ ଅଧିନିୟମର ଧାରା 23 (1-A) ଅନୁଯାୟୀ ଅତିରିକ୍ତ ରାଶି ପାଇବାକୁ ହକଦାର ନୁହଁନ୍ତି । ତଦନୁସାରେ ଆବେଦନକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଗଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ।

ଆର୍. ପି. ଆବେଦନଗୁଡ଼ିକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।